# NATIONAL NEWS BULLETIN (ODIA)

**27 August - 2024**

**Mid-Day : 1.50 p.m.**

---

# ମୁଖ୍ୟ ସମ୍ବାଦ

- ପ୍ରଶିକ୍ଷାର୍ଥୀ ଡାକ୍ତରୀ ଛାତ୍ରୀଙ୍କୁ ଦୁଷ୍କର୍ମ ଓ ହତ୍ୟା ଘଟଣାରେ କୋଲକାତାରେ ଛାତ୍ର ସଂଗଠନର ବିକ୍ଷୋଭ ।

- ବିକ୍ଷୋଭକାରୀଙ୍କୁ ପୋଲିସର ଲାଠିଚାର୍ଜ, ଲୁହବୁହା ଗ୍ୟାସ୍ ଓ ପାଣିମାଡ଼ ।

- କାର୍ଯ୍ୟସ୍ଥଳୀରେ ଡାକ୍ତର ଏବଂ ସ୍ୱାସ୍ଥ୍ୟକର୍ମୀଙ୍କ ସୁରକ୍ଷା ପାଇଁ ଆଜି ନୂଆଦିଲ୍ଲୀରେ ବସିବ ପ୍ରଥମ ଜାତୀୟ ଟାସ୍କଫୋର୍ସ ବୈଠକ ।

- ପୋଲିସ ଗବେଷଣା ଓ ବିକାଶ ବ୍ୟୁରୋର ୫୪ତମ ପ୍ରତିଷ୍ଠା ଦିବସ ସମାରୋହରେ ଆସନ୍ତାକାଲି ସ୍ମାରକୀ ବକ୍ତୃତା ପ୍ରଦାନ କରିବେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ।

- ୩୮୮ଜଣ ଅନ୍‌ସର କର୍ମୀଙ୍କୁ ଜେଲ୍ ପଠାଇଲେ ବାଂଲାଦେଶର ଢ଼ାକା କୋର୍ଟ ।

ଏବଂ

- ପାକିସ୍ତାନର ବଲୁଚିସ୍ତାନରେ କ୍ରମାଗତ ହିଂସାରେ ୭୦ରୁ ଅଧିକ ଲୋକଙ୍କ ପ୍ରାଣହାରୀ ।

---

# କୋଲକାତା-ଛାତ୍ର ବିକ୍ଷୋଭ

ଆର୍‌ଜିକର ମେଡ଼ିକାଲ କଲେଜ ଓ ହସ୍ପିଟାଲର ପ୍ରଶିକ୍ଷାର୍ଥୀ ଡାକ୍ତରୀ ଛାତ୍ରୀଙ୍କୁ ଦୁଷ୍କର୍ମ ଓ ହତ୍ୟା ଘଟଣାରେ କୋଲକାତାରେ ଆଜି ବିଭିନ୍ନ ଛାତ୍ର ସଂଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ପୋଲିସ ଅନୁମତି ଦେଇନଥିବା ସତ୍ତ୍ୱେ ପଶ୍ଚିମବଙ୍ଗ ଛାତ୍ରସମାଜ ଏବଂ ସଂଗ୍ରାମୀ ଜୁଆ ମଞ୍ଚର ଆହ୍ୱାନରେ ବିଭିନ୍ନ ଛାତ୍ର ସଂଗଠନ ଏହି ବିକ୍ଷୋଭ ଶୋଭାଯାତ୍ରାରେ ସାମିଲ ହୋଇଛନ୍ତି । ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଇସ୍ତଫା ଦାବି କରି ଛାତ୍ରମାନେ ରାଜ୍ୟ ସଚିବାଳୟ ନବାନ୍ନ ଅଭିମୁଖେ ଶୋଭାଯାତ୍ରା କରିଛନ୍ତି । ପଶ୍ଚିମବଙ୍ଗ ପୋଲିସ କହିଛି ବିକ୍ଷୋଭକାରୀଙ୍କ ମଧ୍ୟରେ ମିଶିବା ପାଇଁ ଏବଂ ଶୋଭାଯାତ୍ରା ସମୟରେ ହିଂସା ଓ ବିଶୃଙ୍ଖଳା ସୃଷ୍ଟି କରିବା ପାଇଁ ଏକ ଅପରାଧିକ ଗୋଷ୍ଠୀ ଉଦ୍ୟମ କରୁଥିବା ଗୁଇନ୍ଦା ସୂତ୍ରରୁ ଖବର ମିଳିବା ପରେ ଶୋଭାଯାତ୍ରା ପାଇଁ ଅନୁମତି ଦିଆଯାଇ ନାହିଁ । ଏଥିସହିତ ରାଜ୍ୟ ସରକାର ପୂର୍ବରୁ ଭାରତୀୟ ନ୍ୟାୟସଂହିତାର ଧାରା ୧୬୩ ଅନୁଯାୟୀ ସଚିବାଳୟ ନିକଟରେ ସମାବେଶ ଉପରେ ପ୍ରତିବନ୍ଧକ ଲଗାଇଛନ୍ତି ।

କୋଲକାତା ପୋଲିସ ସୁରକ୍ଷା ଦୃଷ୍ଟିରୁ ୬ହଜାର ସୁରକ୍ଷା କର୍ମୀ ମୁତୟନ କରିବା ସହିତ ବିଭିନ୍ନ ସ୍ଥାନରେ ବିକ୍ଷୋଭକାରୀଙ୍କୁ ଅଟକାଇବା ଲାଗି ପାଣିମାଡ଼ କରିବା ନିମନ୍ତେ ବ୍ୟବସ୍ଥା କରିଛି । ସହରର ୧୯ଟି ସ୍ଥାନରେ ବାରିକେଡ୍ ଲଗାଯାଇଥିବାବେଳେ ୨୬ଜଣ ପୋଲିସ ଡେପୁଟୀ କମିଶନରଙ୍କୁ ଆଇନ୍‌ଶୃଙ୍ଖଳା ପରିସ୍ଥିତି ରକ୍ଷା ନିମନ୍ତେ ନିୟୋଜିତ କରାଯାଇଛି । ଏହାକୁ ଦୃଷ୍ଟିରେ ରଖି ଆଜି କୋଲକାତାର ଅନେକ ଗୁଡ଼ିଏ

ଶିକ୍ଷାନୁଷ୍ଠାନ ବନ୍ଦ ରହିଛି । ଅନ୍ୟପକ୍ଷରେ ରାଜ୍ୟପାଳ ସି.ଭି. ଆନନ୍ଦବୋଷ ବିକ୍ଷୋଭକାରୀଙ୍କ ଉପରେ କୌଣସି ପ୍ରକାର ବଳ ପ୍ରୟୋଗ କରିବାରୁ ନିବୃତ ରହିବାକୁ କହିଛନ୍ତି । ସେ କହିଛନ୍ତି ବିକ୍ଷୋଭ ପ୍ରଦର୍ଶନ କରିବା ଛାତ୍ରମାନଙ୍କ ଅଧିକାର ।

ବିକ୍ଷୋଭକାରୀଙ୍କୁ ଘଉଡାଇବା ପାଇଁ ପୋଲିସ ହାଓଡା ପୋଲ, ଫୋର୍‌ସୋର୍ ରୋଡ ଏବଂ ସାନ୍ତରାଗାଛିଠାରେ ଲାଠିଚାର୍ଜ କରିବା ସହ ଲୁହବୁହା ଗ୍ୟାସ୍ ଓ ପାଣିମାଡ କରିଛି ।

# ଟାକ୍ସଫୋର୍ସ ମିଟିଂ

କାର୍ଯ୍ୟ ସ୍ଥଳୀରେ ଡାକ୍ତର ଏବଂ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ସୁରକ୍ଷା ଓ ନିରାପତ୍ତା ନିମନ୍ତେ ପ୍ରସ୍ତାବ ସୁପାରିଶ ପାଇଁ ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରା ଗଠିତ ଜାତୀୟ ଟାସ୍କ ଫୋର୍ସର ଆଜି ପ୍ରଥମ ବୈଠକ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବ। ଭାରତ ସରକାରଙ୍କ କ୍ୟାବିନେଟ୍ ସଚିବଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ବସିବ। ଟାସ୍କଫୋର୍ସରେ କେନ୍ଦ୍ର ଗୃହ ସଚିବ, ଜାତୀୟ ଚିକିତ୍ସା ଆୟୋଗର ଅଧ୍ୟକ୍ଷ, ସର୍ଜନ ଭାଇସ୍ ଆଡମିରାଲ ଆର ସରିନ, ଏମ୍ସର ନିର୍ଦ୍ଦେଶକ ଡାକ୍ତର ଏମ୍ ଶ୍ରୀନିବାସ ଏବଂ ଏମ୍ସର ନ୍ୟୁରୋଲୋଜି ବିଭାଗର ପୂର୍ବତନ ପ୍ରଫେସର ଡାକ୍ତର ପଦ୍ମ ଶ୍ରୀବାସ୍ତବ ରହିଛନ୍ତି।

କୋଲକାତାର ଆରଜି କର ମେଡିକାଲ କଲେଜ ଓ ହସ୍ପିଟାଲରେ ଜଣେ ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟା ମାମଲାର ଶୁଣାଣି କରି ସର୍ବୋଚ୍ଚ ନ୍ୟାୟାଳୟ

ଡାକ୍ତରୀ ବୃତ୍ତିଜୀବୀଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଜାତୀୟ ଟାସ୍କଫୋର୍ସ ଗଠନ କରିଥିଲେ। ତିନି ସପ୍ତାହ ମଧ୍ୟରେ ମଧ୍ୟବର୍ତ୍ତୀକାଳୀନ ରିପୋର୍ଟ ଏବଂ ଦୁଇ ମାସ ମଧ୍ୟରେ ଚୂଡ଼ାନ୍ତ ରିପୋର୍ଟ ଦାଖଲ କରିବାକୁ ସୁପ୍ରିମ୍‌କୋର୍ଟ ଟାସ୍କଫୋର୍ସକୁ ନିର୍ଦ୍ଦେଶ ଦେଇଥିଲେ।

## ଶାହା-ପୋଲିସ ଫଉଣ୍ଡେସନ ଡେ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆସନ୍ତାକାଲି ନୂଆଦିଲ୍ଲୀରେ ପୋଲିସ ଗବେଷଣା ଏବଂ ବିକାଶ ବ୍ୟୁରୋର ୫୪ତମ ପ୍ରତିଷ୍ଠା ଦିବସ ସମାରୋହରେ ଯୋଗଦେବେ । ଏହି ଅବସରରେ ସେ 'ନୂତନ ଅପରାଧିକ ଆଇନ୍-ନାଗରିକ କୈନ୍ଦ୍ରିକ ସଂସ୍କାର' ପ୍ରସଙ୍ଗ ଉପରେ ଡକ୍ଟର ଆନନ୍ଦ ସ୍ୱରୂପ ଗୁପ୍ତା ସ୍ମାରକୀ ବକ୍ତୃତା ପ୍ରଦାନ କରିବେ । ଏହି ଅବସରରେ ଶ୍ରୀ ଶାହା ୨୦୨୩ ଏବଂ ୨୦୨୪ ବର୍ଷର ବିଶିଷ୍ଟ ସେବା ପାଇଁ ରାଷ୍ଟ୍ରପତି ପଦକ ବିଜେତା ମାନଙ୍କୁ ସମ୍ମାନିତ କରିବେ । ନୂଆ ଅପରାଧିକ ଆଇନ୍ ଉପରେ ବ୍ୟୁରୋ ଦ୍ୱାରା ପ୍ରକାଶିତ ଇଣ୍ଡିଆନ୍ ପୋଲିସ ଜର୍ଣ୍ଣାଲର ସ୍ୱତନ୍ତ୍ର ସଂସ୍କରଣକୁ ଏହି ଅବସରରେ ସ୍ୱରାଷ୍ଟ୍ରମନ୍ତ୍ରୀ ଉନ୍ମୋଚନ କରିବେ । ପୋଲିସ ଏବଂ ସଂଶୋଧନ ସେବା ପାଇଁ ନୀତି ଏବଂ ପ୍ରକ୍ରିୟା ବିକଶିତ କରିବା, ନାଗରିକମାନଙ୍କ ଉନ୍ନ ସେବା ପ୍ରଦାନ ପାଇଁ ପ୍ରଯୁକ୍ତି ବିଦ୍ୟା ଅନ୍ୱେଷଣ କରିବା, ଆଇନ୍ ପ୍ରବର୍ତ୍ତନ ଏଜେନ୍ସୀ ଗୁଡ଼ିକର କ୍ଷମତା ପ୍ରସ୍ତୁତ

କରିବା ଏବଂ ରାଜ୍ୟ ତଥା କେନ୍ଦ୍ରୀୟ ପୋଲିସ ସଂଗଠନ ମଧ୍ୟରେ ସହଯୋଗ ଏବଂ ସମନ୍ୱୟକୁ ପ୍ରୋତ୍ସାହିତ କରିବା ଦିଗରେ ପୋଲିସ ଗବେଷଣା ଏବଂ ବିକାଶ ବ୍ୟୁରୋ କାର୍ଯ୍ୟ କରିଥାଏ ।

## ବାଂଲାଦେଶ-ଅନ୍‌ସାର ଜେଲ୍

ବାଂଲାଦେଶର ଢ଼ାକା କୋର୍ଟ ୩୮୮ଜଣ ଅନସାର କର୍ମୀଙ୍କୁ ଜେଲ୍ ପଠାଇ ଦେଇଛନ୍ତି । ଗତ କିଛିଦିନ ମଧ୍ୟରେ ଅନ୍‌ସାର ସେନା ଏବଂ ବିକ୍ଷୋଭ କରୁଥିବା ଛାତ୍ରଗୋଷ୍ଠୀଙ୍କ ମଧ୍ୟରେ ୪ଟିରୁ ଅଧିକଥର ସଂଘର୍ଷ ଘଟିବା ପରେ ନ୍ୟାୟାଳୟ ଏହି ପଦକ୍ଷେପ ଗ୍ରହଣ କରିଛନ୍ତି । ଗତ ରବିବାର ରାତିରେ ଢ଼ାକାସ୍ଥିତ କେନ୍ଦ୍ରୀୟ ସଚିବାଳୟ ନିକଟରେ କୌଣସି କର୍ମଚାରୀଙ୍କୁ ପ୍ରବେଶ ଏବଂ ପ୍ରସ୍ଥାନ ଲାଗି ରାସ୍ତା ଅବାରୋଧ କରିବା ସହ ଅନ୍‌ସାର କର୍ମୀମାନେ ବିକ୍ଷୋଭକାରୀ ଛାତ୍ରଛାତ୍ରୀମାନଙ୍କ ସହ ସଂଘର୍ଷ କରିଥିଲେ । ଏହି ଘଟଣାରେ ସଚିବାଳୟରେ ବ୍ୟାପକ ଭଙ୍ଗାରୁଜା ହୋଇଥିଲା । ପୋଲିସ ପକ୍ଷରୁ ୪ଟି ଘଟଣାରେ ୪୩୭ଜଣଙ୍କ ନାମରେ ମାମଲା ରୁଜୁ କରାଯାଇଥିବା ବେଳେ ୧୧ହଜାର ୧୦୦ଜଣ ଅଚିହ୍ନା ବ୍ୟକ୍ତିଙ୍କ ନାମରେ ମାମଲା ରୁଜୁ କରାଯାଇଛି ।

ରବିବାର ରାତିରେ ଅନ୍‌ସାର କର୍ମୀ ଏବଂ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଂଘର୍ଷରେ ୪୦ଜଣ ଗୁରୁତର ଆହତ ହୋଇଛନ୍ତି । ଏଥିରେ ୬ଜଣ ସୈନିକ ଆହତ ହୋଇଥିବାବେଳେ ଜଣଙ୍କ ଅବସ୍ଥା ଗୁରୁତର ରହିଛି । ରାତି ୯ଟା ପରେ ସଚିବାଳୟ ନିକଟରେ ଏହି ସଂଘର୍ଷ ଘଟିଥିଲା । ସଂଘର୍ଷ ଖବର ପାଇବା

ପରେ ଢ଼ାକା ବିଶ୍ୱବିଦ୍ୟାଳୟର ହଜାର ହଜାର ଛାତ୍ରଛାତ୍ରୀ ସଚବାଳୟ ଆଡକୁ ଯାଇଥିଲେ ଏବଂ ଅନ୍‌ସାର କର୍ମୀଙ୍କ ସହ ସେମାନଙ୍କର ସଂଘର୍ଷ ହୋଇଥିଲା ।

## ପାକିସ୍ତାନ-ବେଲୁଚିସ୍ତାନ ଆଟାକ

ପାକିସ୍ତାନର ବଲୁଚିସ୍ତାନ ଅଞ୍ଚଳରେ କ୍ରମାଗତଭାବେ ହିଂସାତ୍ମକ ଘଟଣାରେ ୭୦ରୁ ଅଧିକ ଲୋକ ପ୍ରାଣ ହରାଇଛନ୍ତି । ସେଠାକାର ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ ମୃତକଙ୍କ ମଧ୍ୟରେ ୧୪ଜଣ ସେନା କର୍ମଚାରୀ ଏବଂ ପୋଲିସ ଓ ୨୧ଜଣ ଆତଙ୍କବାଦୀ ରହିଥିବା ଜଣାପଡିଛି । ଲାସବେଲା ଜିଲ୍ଲା ବେଲା ଜାତୀୟ ରାଜପଥରେ ଯାନବାହନ ଉପରେ ଆକ୍ରମଣ କରାଯିବା ସହ ଲୋକମାନଙ୍କୁ ହତ୍ୟା କରାଯାଉଛି । ଅନ୍ୟଏକ ଘଟଣାରେ ମୁଷାଖେର ଜିଲ୍ଲାରେ ସଶସ୍ତ୍ର ଆତତାୟୀମାନେ ଆନ୍ତଃ ପ୍ରାଦେଶିକ ରାଜପଥ ଅବରୋଧ କରି ୨୩ଜଣଙ୍କୁ ହତ୍ୟା କରିଛନ୍ତି । ସେହି ସଶସ୍ତ୍ର ଆତତାୟୀମାନେ ଟ୍ରକ୍ ଏବଂ ବସ୍‌କୁ ଅଟକାଇ ଯାତ୍ରୀମାନଙ୍କୁ ଚିହ୍ନଟ କରିବା ସହ ସେମାନଙ୍କ ଉପରକୁ ଗୁଳି ଚଳାଇଥିଲେ । ମୃତକ ୨୩ଜଣ ଯାକ ପାକିସ୍ତାନର ପଞ୍ଜାବ ପ୍ରଦେଶର ଅଧିବାସୀ ବୋଲି ଜଣାପଡିଛି ।

ଅନ୍ୟଏକ ଘଟଣାରେ କଲାଟରେ ୫ଜଣ ପୁଲିସ କର୍ମଚାରୀଙ୍କ ସମେତ ୧୦ଜଣଙ୍କୁ ହତ୍ୟା କରାଯାଇଛି । ଏକ ପୋଲିସ ପୋଷ୍ଟ ନିକଟରେ ଏହି ଆକ୍ରମଣ ହୋଇଥିବା ସୂଚନା ମିଳିଛି । ଗତକାଲି ବୋଲାନ ସହରରେ ସନ୍ଦିଗ୍ଧ ଆତଙ୍କବାଦୀମାନେ ଏକ ରେଳ ପୋଲ ବିସ୍ଫୋରଣରେ ଉଡାଇ ଦେଇଛନ୍ତି । ଘଟଣାସ୍ଥଳରୁ ୬ଟି ଅଚିହ୍ନା ମୃତଦେହ ଉଦ୍ଧାର କରାଯାଇଛି ।

୧୦ବର୍ଷ ଧରି ପାକିସ୍ତାନ, ବଲୁଚିସ୍ତାନ ଅଞ୍ଚଳରେ ଅଶାନ୍ତମୟ ପରିସ୍ଥିତି ଜାରି ରହିଥିବାବେଳେ ସେଠାକାର ଅଧିବାସୀମାନେ ଗତ କେତେ ସପ୍ତାହ ହେବ ଆନ୍ଦୋଳନ ଜାରି ରଖିଛନ୍ତି ।

## ସେଣ୍ଟର-ପବ୍ଲିକ୍ ଗ୍ରିଭାନ୍ସ ସିଷ୍ଟମ୍

ଅଭିଯୋଗ ସମାଧାନକୁ ସମୟବଦ୍ଧ, ସୁଲଭ ଏବଂ ଅର୍ଥପୂର୍ଣ୍ଣ କରିବା ଉଦ୍ଦେଶ୍ୟରେ ଜନ ଅଭିଯୋଗ ପରିଚାଳନା ପାଇଁ କେନ୍ଦ୍ର ସରକାର ବିସ୍ତୃତ ମାର୍ଗଦର୍ଶିକା ଜାରି କରିଛନ୍ତି। କାର୍ମିକ, ଜନ ଅଭିଯୋଗ ଓ ପେନସନ ମନ୍ତ୍ରଣାଳୟ ସୂଚନା ଅନୁଯାୟୀ, ଜନସାଧାରଣଙ୍କ ଅଭିଯୋଗର ପ୍ରଭାବଶାଳୀ ସମାଧାନ ପାଇଁ ନିର୍ଦ୍ଦେଶାବଳୀରେ ନାଗରିକମାନଙ୍କୁ ସଶକ୍ତ କରିବା, ପ୍ରକ୍ରିୟାକୁ ସୁବ୍ୟବସ୍ଥିତ କରିବା, ଅଧିକ ସ୍ୱଷ୍ଟତା ଆଣିବା ଏବଂ ଜନସାଧାରଣଙ୍କ ଅଭିଯୋଗର ସମାଧାନ ଉପରେ ଧ୍ୟାନ ଦେବାକୁ କୁହାଯାଇଛି।

ନାଗରିକମାନେ pgportal.gov ୱେବ୍‌ସାଇଟ୍‌ରେ ନିଜର ଅଭିଯୋଗ ପଞ୍ଜୀକରଣ କରିପାରିବେ । ଏହା ସିଙ୍ଗଲ ୱିଣ୍ଡୋ ପ୍ରକ୍ରିୟା ଅଟେ । କେନ୍ଦ୍ରୀୟ ମନ୍ତ୍ରଣାଳୟ ଓ ବିଭାଗଗୁଡିକ ଜନ ଅଭିଯୋଗ ପାଇଁ ନୋଡାଲ ଅଫିସର ନିଯୁକ୍ତ କରିବେ, ଯେଉଁମାନେ ତ୍ୱରିତ, ନିରପେକ୍ଷ ଏବଂ ଦକ୍ଷତାର ସହ ଅଭିଯୋଗର ସମାଧାନ କରିବେ । ଯୋଜନା ଏବଂ କାର୍ଯ୍ୟକଳାପ ବିଷୟରେ ଜ୍ଞାନ ଥିବା ପର୍ଯ୍ୟାପ୍ତ ସମ୍ବଳ ସହିତ ଉତ୍ସର୍ଗୀକୃତ ଅଭିଯୋଗ ସେଲ୍ ପ୍ରତିଷ୍ଠା କରିବାକୁ ଏହି ନିର୍ଦ୍ଦେଶାବଳୀରେ କୁହାଯାଇଛି।

ନାଗରିକଙ୍କୁ ସମାଧାନ ହୋଇଥିବା ଅଭିଯୋଗ ଉପରେ ମତାମତ ମେସେଜ୍ ଏବଂ ଇମେଲ ମାଧ୍ୟମରେ ଜଣାଇ ଦିଆଯିବ।

କେନ୍ଦ୍ରୀୟ ଜନ ଅଭିଯୋଗ ସମାଧାନ ଏବଂ ନିରୀକ୍ଷଣ ପ୍ରକ୍ରିୟା ପୋର୍ଟାଲ୍ ୨୦୨୨ରୁ ୨୦୨୪ ମଧ୍ୟରେ ପ୍ରାୟ ୬୦ ଲକ୍ଷ ଜନ ଅଭିଯୋଗର ସମାଧାନ କରିଛି। ୨୦୨୨ ନୀତି ନିର୍ଦ୍ଦେଶାବଳୀ ଅଧୀନରେ ଅଭିଯୋଗ ସମାଧାନ ସମୟସୀମା ୩୦ ଦିନ ଥିଲା, ଏବେ ଏହାକୁ ୨୧ ଦିନକୁ ହ୍ରାସ କରାଯାଇଛି।

## ଶିବାଜୀ ଷ୍ଟାଚୁ

ମହାରାଷ୍ଟ୍ରର ସିନ୍ଧୁଦୁର୍ଗ ଜିଲ୍ଲାର ଛତ୍ରପତି ଶିବାଜୀ ସେତୁ ଭୁଶୁଡିବା ଘଟଣାରେ ଭାରତୀୟ ନୌସେନା ଏକ ବିବୃତ୍ତି ଜାରି କରିଛି । ଏହି ବିବୃତ୍ତିରେ ନୌସେନା କହିଛି ଏହା ରାଜ୍ୟ ସରକାର ଏବଂ ସଂପୃକ୍ତ ବିଶେଷଜ୍ଞଙ୍କ ସହ କାର୍ଯ୍ୟ କରୁଛି । ଦୁର୍ଘଟଣାର କାରଣ ଜାଣିବା ପାଇଁ ଅନୁସନ୍ଧାନ ଜାରି ରହିଛି । ଯଥାଶୀଘ୍ର ପ୍ରତିମୂର୍ତ୍ତିକୁ ପୁନରୁଦ୍ଧାର କରିବା ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ଏକ ସ୍ୱତନ୍ତ୍ର ଟିମ୍‌କୁ ନିଯୁକ୍ତ କରାଯାଇଛି ।

## ଫୁଡ୍ ଆଡଭାଇଜରୀ

ଭାରତୀୟ ଖାଦ୍ୟ ସୁରକ୍ଷା ଏବଂ ମାନକ ପ୍ରାଧିକରଣ - ଏଫ୍.ଏସ୍.ଏସ୍.ଏ.ଆଇ ଖାଦ୍ୟ ବ୍ୟବସାୟ ପ୍ୟାକେଜିଂକୁ ନେଇ ପୂର୍ବରୁ ଜାରି କରିଥିବା ନିର୍ଦ୍ଦେଶକୁ ପ୍ରତ୍ୟାହାର କରିନେଇଛି । ପ୍ରାଧିକରଣ ପୂର୍ବରୁ ଦୁଗ୍ଧଜାତ ଉତ୍ପାଦ ପ୍ୟାକେଜିଂରେ ଏ-ୱାନ୍ ଏବଂ ଏ-ଟୁ ଦାବି ହଟାଇବାକୁ ନିର୍ଦ୍ଦେଶ ଦେଇଥିଲେ । ପ୍ରାଧିକରଣ କହିଛନ୍ତି ପୂର୍ବପରି ଖାଦ୍ୟ ବ୍ୟବସାୟ ପରିଚାଳକମାନେ ଏ-ୱାନ୍ ଏବଂ ଏ-ଟୁ ପ୍ରକାରର କ୍ଷୀର ଦାବିକରି ସେମାନଙ୍କ ଉତ୍ପାଦ ବିକ୍ରୟ କରିପାରିବେ । ଅଂଶୀଦାରମାନଙ୍କ ସହିତ ଅଧିକ ପରାମର୍ଶ କରିବା ପାଇଁ ଏ ପ୍ରକାର ସାନି ନିର୍ଦ୍ଦେଶାବଳୀ ଜାରି କରାଯାଇଥିବା ପ୍ରାଧିକରଣ କହିଛନ୍ତି । ସୂଚନାଯୋଗ୍ୟ ଏ-ୱାନ୍ ଏବଂ ଏ-ଟୁ କ୍ଷୀରର ବିଟା-କେଶିନ ସଂରଚନା ଗାଈମାନଙ୍କ ପ୍ରଜାତି ଆଧାରରେ ଭିନ୍ନ ଭିନ୍ନ ହୋଇଥାଏ ।

## ଚମ୍ପେଇ ସୋରେନ୍-ବିଜେପି

ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚାର ବରିଷ୍ଠ ନେତା ଚମ୍ପେଇ ସୋରେନ୍ ଚଳିତ ମାସ ୩୦ ତାରିଖରେ ରାଞ୍ଚିରେ ବିଜେପିରେ ଯୋଗଦେବେ। ଝାଡ଼ଖଣ୍ଡ ନିର୍ବାଚନ ସହ ପ୍ରଭାରୀ ତଥା

ଆସାମ ମୁଖ୍ୟମନ୍ତ୍ରୀ ହେମନ୍ତ ବିଶ୍ୱ ଶର୍ମା ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଶ୍ରୀ ସୋରେନ ଗତକାଲି ନୂଆଦିଲ୍ଲୀରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ଭେଟିଥିଲେ। ନିକଟରେ ଚମ୍ପେଇ ସୋରେନ ଜେଏମ୍‌ଏମ୍ ନେତୃତ୍ୱ ତାଙ୍କୁ ଅପମାନିତ କରିଥିବା ଅଭିଯୋଗ ଆଣିଥିଲେ।